**SAI International School**
**Lesson Note-2**
**Chapter-Gopa prayana-2**
**Subject-2nd Language Odia**
**Class-IX**

ଗୋପବନ୍ଧୁଙ୍କ ପରି ରକ୍ତ-ମାଂସ ଦେହଧାରୀ ଦେବାତ୍ମା ଯେ କୋଟିକରେ ଗୋଟିଏ ଥିଲେ ତାହା ଏ ଓଡ଼ିଆ ଜାତି ବଂଚିଥିବା ପର୍ଯ୍ୟନ୍ତ ଅସ୍ୱୀକାର କରିପାରିବ ନାହିଁ । ଅସହାୟର ସାହା, ଦୀନ, ଦୁର୍ଗତର ବନ୍ଧୁଭାବେ ସେ ଥିଲେ ମହନୀୟ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ । ବନ୍ୟା, ବାତ୍ୟା ଓ ମରୁଡ଼ିର କରାଳ କବଳରେ ନିଷ୍ପେଷିତ ରାଜ୍ୟର ପ୍ରତିଟି ବ୍ୟକ୍ତି ସେହି କୃଷ୍ଣ ଶ୍ମଶ୍ରୁଧାରୀ ବ୍ୟକ୍ତିଟିର ଛଳଛଳ ଆଖି ଓ ସମ୍ବେଦନାଭରା ଶବ୍ଦ କେତୋଟି ଶୁଣି ଆଶ୍ୱାସନା ପାଉଥିଲା । ତ୍ୟାଗ ଓ ସେବାକୁ ଜୀବନର ଆଦର୍ଶଭାବେ ବାଛି ନେଇଥିବା ସେହି ପୁଣ୍ୟାତ୍ମାଙ୍କ ଶବାଧାର ପାର୍ଶ୍ୱରେ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ବାଢ଼ିଦେବାକୁ କବି ରାଜା, ପ୍ରଜା, ଧନୀକ, ବଣିକ, ସୌଭାଗ୍ୟଶାଳୀ ସୌଦାଗର, କ୍ଷତ୍ରିୟ, ପୁରୋହିତ, କୃଷକ, ଶ୍ରମିକ ସଭିଙ୍କୁ ଆହ୍ୱାନ କରିଛନ୍ତି । ମୃଦଙ୍ଗ ଧରି ସଂକୀର୍ତ୍ତନ କରିବାକୁ ଜନପଦବାସୀଙ୍କୁ ଅନୁରୋଧ କରିଛନ୍ତି । ସ୍ୱର୍ଗତ ଦିବ୍ୟାତ୍ମାଙ୍କ ଶୁଭ ସ୍ୱର୍ଗବାସ ପାଇଁ ଦେବତାଙ୍କ ପ୍ରୀତ୍ୟାର୍ଥେ ବେଦମନ୍ତ୍ରୋଚ୍ଚାରଣ କରିବା ପାଇଁ କବି ବ୍ରାହ୍ମଣମାନଙ୍କୁ ନିବେଦନ କରିଛନ୍ତି । କୁଳବଧୂମାନଙ୍କୁ ଗୃହାଙ୍ଗନରୁ ବାହାରି ଗବାକ୍ଷ ଫାଙ୍କରେ ଉପସ୍ଥିତ ହେବା ସହ ପରମପ୍ରିୟ, ଜାତିର କର୍ଣ୍ଣଧାର, ମହାନାତ୍ମା ଦେଶବନ୍ଧୁଙ୍କୁ ସଶ୍ରଦ୍ଧ ସମ୍ମାନ ପ୍ରଦର୍ଶନ କରିବାପାଇଁ ଅନ୍ତତଃ ଦୁଇଧାର ଲୋତକ ବର୍ଷଣ କରିବାପାଇଁ କବି ବ୍ୟଥାଭରା ସ୍ୱରରେ ମିନତି କରିଛନ୍ତି । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଓଡ଼ିଶାବାସୀ ମନରୁ ସବୁ ବିଦ୍ୱେଷ ଭୁଲି ବହୁସଂଖ୍ୟାରେ ଶବଶୋଭାଯାତ୍ରାରେ ଯୋଗଦେବାପାଇଁ କବି ଆହ୍ୱାନ କରିଛନ୍ତି । କାରଣ ଜାତି-ଭେଦ, ବର୍ଣ୍ଣ-ବୈଷମ୍ୟ, ଧର୍ମ-ସମ୍ପ୍ରଦାୟର ଊର୍ଦ୍ଧ୍ୱରେ ଥାଇ ସେହି ଦିବ୍ୟାତ୍ମା ପ୍ରପୀଡ଼ିତ ମଣିଷ ଜାତିର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ସଭିଙ୍କ ଦୁଃଖରେ ସମଦୁଃଖୀ ହୋଇ ଦୀନ ଦୁର୍ଗତଙ୍କ ମୁଖରେ ଆହାର ଦେବାକୁ ଯାଇ ସେ ନିଜ ସୁଖ ସୁବିଧାକୁ  ଜଳାଞ୍ଜଳି ଦେଇଥିଲେ ।

ଗୋପବନ୍ଧୁଙ୍କ ପରି ଜଣେ ଦେବୋପମ ବ୍ୟକ୍ତି ଯେ ସମସ୍ତଙ୍କ ପାଇଁ ପୂଜ୍ୟ ଓ ନମସ୍ୟ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ସେହି ପୁଣ୍ୟାତ୍ମା ଆମ ଏ ଓଡ଼ିଶା ମାଟିକୁ ପବିତ୍ର କରିଯାଇଛନ୍ତି ଓ ଓଡ଼ିଆ ଜାତିକୁ ଯେପରି ଭାବେ ଧନ୍ୟ କରିଯାଇଛନ୍ତି, ତା'ର

ପ୍ରତିଦାନରେ ତାଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ କେବଳ ଦୁଇବୁନ୍ଦା ଅଶ୍ରୁଜଳ ବ୍ୟତୀତ କ'ଣ ବା ଦିଆଯାଇପାରେ ! ତେଣୁ ତାଙ୍କ ଶବାଧାର ପାର୍ଶ୍ୱରେ ନତମସ୍ତକ ହୋଇ କେବଳ ନୀରବରେ ଅଶ୍ରୁ ବିସର୍ଜନ କରିବାକୁ ଆବେଗଭରା କଣ୍ଠରେ ଉପସ୍ଥିତ ଜନତାକୁ କବି ନିବେଦନ କରିଛନ୍ତି । ହରିବୋଲ, ସଂକୀର୍ତ୍ତନର ଗୁରୁଗମ୍ଭୀର ନିନାଦ ଓ କୋଟି ଜନତାର ଅଶ୍ରୁବର୍ଷଣ ଦେଖି ଜୀବନର ମହାସତ୍ୟ ମୃତ୍ୟୁ ବିସ୍ମିତ ହୋଇଉଠୁ ବୋଲି ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ଶୋକାଭିଭୂତ କବିଙ୍କ ବାଷ୍ପାକୁଳିତ ସ୍ୱର ବିଳପି ଉଠିଛି ।